# ସର୍ବସାଧାରଣ
sarbasadharana

**03rd Feb 2020**

# ଆଇଆଇଟିରେ 'ୱ୍ୱାଇଜନେର-୨୦' ଉଦ୍‌ଯାପିତ



କଟକ,୨।୨/ଏନ୍ଏନ୍ଏସ୍: ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍‌ରେ ଆରମ୍ଭ ହୋଇଥିବା ତିନିଦିନିଆ ଟେକ୍ନୋମ୍ୟାନେଜମେଣ୍ଟ 'ୱ୍ୱାଇଜନେର-୨୦' କାର୍ଯ୍ୟକ୍ରମ ଆଜି ଉତ୍ସାହରେ ଉଦ୍‌ଯାପିତ ହୋଇଛି। ଜୀବବିଜ୍ଞାନ ଓ ସୌରମଣ୍ଡଳର ରହସ୍ୟ ଉପରେ ଆଧାରିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ(ଡିଆରଡିଓ)ର ସାଧାରଣ ନିର୍ଦ୍ଦେଶକ ଡ଼ଃ ମାନସ କୁମାର ମଣ୍ଡଳ ଓ ଆଇଆଇଟି ନିର୍ଦ୍ଦେଶକ ଆର୍ ଭି ରାଜକୁମାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ୱ୍ୱାଇଜନେର-୨୦ର ମୁଖ୍ୟ ପରିଚାଳକ ତରୁଣ ଗୁଗୁଲୋଥ୍ ଉପସ୍ଥିତ ଥିଲେ। ୱ୍ୱାଇଜନେର-୨୦ର ଅଧ୍ୟକ୍ଷ ଡ଼ଃ ଶ୍ରୀନିବାସ ରାମାନୁଜମ କାନନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ୩ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶ୍ରୀ ରାଜକୁମାର କହିଥିଲେ ଯେ ଭାରତରେ ଅନେକ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନର ଗୁଣବତ୍ତା ଭରି ରହିଛି, ଏହାର ସଦୁପଯୋଗ କଲେ ନିଶ୍ଚିତ ସଫଳତା ହାସଲ ହୋଇପାରିବ। ଆଇଆଇଟି ଭୁବନେଶ୍ୱରର ଅରଗୁଳ କ୍ୟାମ୍ପସ୍‌ରେ ଚଳିତ ବର୍ଷ ହେଉଥିବା ଏହି ଟେକ୍ନୋମ୍ୟାନେଜମେଣ୍ଟ ୱ୍ୱାଇଜନେର-୨୦ ମାଧ୍ୟମରେ ପୂର୍ବ ଭାରତର ଆଧୁନିକ ବିଜ୍ଞାନ ବିବିଧତାକୁ ମଜଭୁତ କରିବାରେ ସହାୟକ ହେବ। ଏଥିପାଇଁ ସମସ୍ତ ବିଦ୍ୟାର୍ଥୀ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଣିତ ଓ ସୌରମଣ୍ଡଳ ଉପରେ ପରୀକ୍ଷା କରାଯାଇଥିଲା। ଭାରତବର୍ଷରେ ହେଉଥିବା ଏହି ପରୀକ୍ଷାରେ ର୍‍ୟାଙ୍କ-୨ ରେ କୃତକାର୍ଯ୍ୟ ହୋଇଥିବା ଭୁବନେଶ୍ୱର ଗାଇଡିଆନ୍ସ ଇଂରାଜୀ ମାଧ୍ୟମିକ ସ୍କୁଲର ୮ମ ଶ୍ରେଣୀର ଛାତ୍ରୀ ସଂଜିବନୀ ଦାସଙ୍କୁ ଆଇଆଇଟିର ୱ୍ୱାଇଜନେର-୨୦ ଫେଷ୍ଟରେ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ରିଲେସନସ୍ ଓ ଆଲୁମିନି ଆଫାୟର ଡିନ୍ ପ୍ରଫେସର ଆର୍ କେ ପଣ୍ଡା, ଆରଣ୍ଡି ଡିନ୍ ପ୍ରଫେସର ସୁଜିତ ରାଏ, ଷ୍ଟୁଡେଣ୍ଟ ଆଫାୟର ଡିନ୍ ପ୍ରଫେସର ଭିଆର ପେଡିରେଡି, ରେଜିଷ୍ଟ୍ରାର ଡ଼ଃ ସୁବୋଧ କୁମାର ପ୍ରମୁଖ ଯୋଗ ଦେଇଥିବା ବେଳେ ଶେଷରେ ତରୁଣ ଗୁଗୁଲୋଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନିଆ ଫେଷ୍ଟରେ ହଜାର ହଜାର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ସଂଜୀବନୀ ଦାସ କୁହନ୍ତି- ଭାରତବର୍ଷରେ ର୍‍ୟାଙ୍କ-୨ ରେ ପହଞ୍ଚିବାର ସଫଳତା ପାଇଁ ମୁଁ ମୋର ଅଭିଭାବକଙ୍କୁ ଧନ୍ୟବାଦ ଦେବି। ମୋ ପରିବାରର ପ୍ରେରଣାରେ ମୁଁ ଆଜି ଏହି ସ୍ଥାନରେ ପହଞ୍ଚିଛି। ପରିଶ୍ରମର ଫଳ କେବେ ବ୍ୟର୍ଥ ହୁଏନି। ନିଜ ପାଖରେ ଥିବା ଜ୍ଞାନକୁ ସବୁବେଳେ ସଦୁପଯୋଗ କରିବା ଉଚିତ।